# The Odisha Gazette

**EXTRAORDINARY**

**PUBLISHED BY AUTHORITY**

**No. 3038 CUTTACK, FRIDAY, OCTOBER 21, 2022/ASWINA 29, 1944**

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସମ୍ବଲପୁର

### ପ୍ରାରମ୍ଭିକ ବିଜ୍ଞପ୍ତି (PRELIMINARY NOTIFICATION)

**ତାରିଖ ୧-୧୦-୨୦୨୨**

**ନମ୍ବର ୭୯୨**—ଯେହେତୁ, ଏହା ଓଡିଶା ସରକାରଙ୍କୁ ପ୍ରତୀୟମାନ ହୋଇଛି ଯେ, ସମୁଦାୟ ଏକର ୦.୦୧୯ ଡିସିମିଲ ଜମି ମୌଜା ସମ୍ବଲପୁର ଟାଉନ ୟୁନିଟ ନମ୍ବର-୦୪( ଏକର ୦.୦୦୨) ଓ ସମ୍ବଲପୁର ଟାଉନ ୟୁନିଟ ନମ୍ବର-୦୫( ଏକର ୦.୦୧୭) , ଯାହାର ବିସ୍ତୃତ ବିବରଣୀ, ନିମ୍ନରେ ପ୍ରଦାନ କରାଯାଇଛି, ତାହା ସମ୍ବଲପୁର ଲକ୍ଷ୍ମୀ ଟକୀଜ ଛକ ଠାରେ ଫ୍ଲାଏ ଓଭର ନିର୍ମାଣ ନିମନ୍ତେ ଅଧିଗ୍ରହଣ କରାଯିବା ଆବଶ୍ୟକ। ଏହି ବିଜ୍ଞପ୍ତି , ସର୍ବସାଧାରଣଙ୍କ ସୂଚନା ନିମନ୍ତେ ଏତତ ଦ୍ଵାରା ପ୍ରଦାନ କରାଯାଇଛି। ଯଦି କୌଣସି ବ୍ୟକ୍ତି କୌଣସି ଜମିରେ ଇଚ୍ଛୁକ ଥାଆନ୍ତି, ଯାହା ଏତତ ସହିତ ବିଜ୍ଞପ୍ତି କରାଯାଇଛି, ସେ ଏହି ବିଜ୍ଞପ୍ତିର ପ୍ରକାଶନ ତାରିଖରୁ ଷାଠିଏ ଦିନ ମଧ୍ୟରେ, ଅଧିଗ୍ରହଣ କରାଯିବାକୁ ଥିବା ପ୍ରସ୍ତାବିତ ଜମି ର ରକବା କିମ୍ବା ଅଞ୍ଚଳ ଏବଂ ଏହାର ଉପଯୁକ୍ତତା ଏବଂ ଯଥାର୍ଥତା ତଥା ସାମାଜିକ ପ୍ରଭାବ ଆକଳନର ରାଏ ସହିତ , ଲିଖିତ ଭାବେ କଲେକ୍ଟରଙ୍କୁ ଆପତ୍ତି କରିବେ।

୧- ସର୍ବସାଧାରଣ ଉଦ୍ଦେଶ୍ୟର ପ୍ରକୃତି : ଲକ୍ଷ୍ମୀ ଟକୀଜ ଛକ ଠାରେ ଫ୍ଲାଏ ଓଭର ନିର୍ମାଣ ନିମନ୍ତେ

୨- ଆବଶ୍ୟକାରୀ ସଂସ୍ଥାର ନାମ : ଅଧୀକ୍ଷଣ ଯନ୍ତ୍ରୀ , ପୂର୍ତ୍ତ ବିଭାଜନ -୧, ସମ୍ବଲପୁର

୩- ପ୍ରଭାବିତ ବ୍ୟକ୍ତିମାନଙ୍କର ବିସ୍ଥାପନ ଦାବୀ କରୁଥିବା କାରଣ :କୌଣସି ପରିବାର ବିସ୍ଥାପିତ ହେଉ ନାହାନ୍ତି ।

୪- ସାମାଜିକ ପ୍ରଭାବ ଆକଳନ ବିବରଣୀର ସାରାଂଶ :ଏଥି ସହିତ ସଂଲଗ୍ନ କରାଗଲା ।

୫- ଥଇଥାନ ଏବଂ ପୁନଃବସତି ଉଦ୍ଦେଶ୍ୟ ନିମନ୍ତେ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ : ଉପ-ଜିଲ୍ଲାପାଳ , ସମ୍ବଲପୁର ।

୬- ଜମିର ବିସ୍ତାରୀତ ବିବାରଣୀ :

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମୀଣ/ ସହରାଞ୍ଚଳ | ଖାତା ନମ୍ବର | ପ୍ଲଟ ନମ୍ବର | ସମୁଦାୟ ଅଞ୍ଚଳ | ଅଧିଗ୍ରହଣ କରାଯିବାକୁ ଥିବା ଅଞ୍ଚଳ | ଲିପିବଦ୍ଧ ରୟତର ନାମ |
|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
| ସମ୍ବଲପୁର | ସଦର | ୟୁନିଟ-୦୪ | ସହରାଞ୍ଚଳ | ୨୧୩ | ୧୨୩୭/୧୭୬୬ | ୦.୧୦ | ୦.୦୦୨ | ଶ୍ରୀ ଅରବିନ୍ଦ କର୍ମ ମନ୍ଦିର , ସେକ୍ରେଟାରୀ ଶିଶିର କୁମାର ପଣ୍ଡା ପିତା ମଦନମୋହନ ପଣ୍ଡା ଜାତି-ବ୍ରାହ୍ମଣ ବା-ସମ୍ବଲପୁର |
| ସମ୍ବଲପୁର | ସଦର | ୟୁନିଟ-୦୫ | ସହରାଞ୍ଚଳ | ୬୪୪/୮୭୭ | ୧୮୭୭/୩୯୪୧ | ୦.୦୨୭ | ୦.୦୧୧ | ଜ୍ୟୋତି ପ୍ରକାଶ ପ୍ରମାଣିକ ପିତା- ଆହ୍ଲାଦ ପ୍ରମାଣିକ ଜାତି- ଖ୍ରୀଷ୍ଟିୟାନ ବା-ମିଶନ ରୋଡ ସମ୍ବଲପୁର |
| ସମ୍ବଲପୁର | ସଦର | ୟୁନିଟ-୦୫ | ସହରାଞ୍ଚଳ | ୬୪୪/୮୭୮ | ୧୮୭୭ | ୦.୦୪୧ | ୦.୦୦୬ | ଶକ୍ତି ପ୍ରକାଶ ପ୍ରମାଣିକ ପିତା- ଆହ୍ଲାଦ ପ୍ରମାଣିକ ଜାତି- ଖ୍ରୀଷ୍ଟିୟାନ ବା-ମିଶନ ରୋଡ ସମ୍ବଲପୁର |

ଜିଲ୍ଲା କଲେକ୍ଟରଙ୍କ ପୂର୍ବ ଅନୁମୋଦନ ବିନା , ଏହି ବିଜ୍ଞପ୍ତିର ପ୍ରକାଶନ ତାରିଖରୁ ଏପରି ଜମି ଉପରେ କୌଣସି ବ୍ୟକ୍ତି କୌଣସି କାରବାର କରିପାରିବେ ନାହିଁ କିମ୍ବା କରାଇ ପାରିବେ ନାହିଁ, ଯେପରି ପ୍ରାରମ୍ଭିକ ବିଜ୍ଞପ୍ତିରେ ଧାର୍ଯ୍ୟ କରାଯାଇଛି କିମ୍ବା ଏପରି ଜମି ଉପରେ କୌଣସି ଲାଭ ସୃଷ୍ଟି କରିବେ ନାହିଁ ।

ଏହି ବିଜ୍ଞପ୍ତିର ପ୍ରକାଶନ ତାରିଖରୁ ଷାଠିଏ ଦିନ ମଧ୍ୟରେ କୌଣସି ଇଚ୍ଛୁକ ବ୍ୟକ୍ତିଙ୍କ ଦ୍ୱାରା ଏପରି ଅଧିଗ୍ରହଣ ପ୍ରତି କୌଣସି ଅପତ୍ତି ଦାଖଲ କରାଯାଇପାରେ, ଯେପରି ଭୂମି ଅଧିଗ୍ରହଣ, ଥଇଥାନ ଏବଂ ପୁନଃବସତିରେ ଉପଯୁକ୍ତ କ୍ଷତିପୂରଣ ଏବଂ ସ୍ୱଚ୍ଛତା ପ୍ରତି ଅଧିକାର ଆଇନ ୨୦୧୩ ର ଦଫା ୧୫ ଅନୁଯାୟୀ ବ୍ୟବସ୍ଥାୟିତ, ଏବଂ ତାହା ଜିଲ୍ଲା କଲେକ୍ଟରଙ୍କ ସମ୍ମୁଖରେ ହେବେ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ଅନନ୍ୟା ଦାସ
ଜିଲ୍ଲାପାଳ, ସମ୍ବଲପୁର

Printed and published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 2408—173+9